# Akashvani, Sambalpur

## SAMBALPURI NEWS EVENING BULLETIN

**15 June 2025- 7.02 pm- 7.12 pm.**

**********************************************

୧- ଓଡ଼ିଶା ଭିଜନ୍ ଡକ୍ୟୁମେଂଟ୍-୨୦୨୫ କେ ଉନ୍ମୋଚନ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ- ସୂଚ୍‌ନା ଦେଲେ ଆଇନ୍‌ମନ୍ତ୍ରୀ ।

୨- ଶ୍ରୀମନ୍ଦିର୍ ନ ଅଣସର ଘରେ ମାହାପୁରୁମାନ୍‌କର୍ ଚାଲିଛେ ଉପଚାର୍ ।

- ରଥଯାତ୍ରାକେ ଅଏତ୍‌କା ଶୃଙ୍ଖଲିତ୍ କର୍‌ବାର୍ ଲାଗି ଥିତିର୍ ସମୀକ୍ଷା କଲେ ମୁଖ୍ୟ ଶାସନ୍ ସଚିବ ।

୩- ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ପାଲନ୍ ହେଉଛେ ରଜ ସଂକ୍ରାନ୍ତି ।

ଆଉର୍

୪- ବରିଷ୍ଠ ନାଗରିକ୍‌ମାନ୍‌କର୍ ନିର୍ଯ୍ୟାତନାର୍ ସମାଧାନ୍ ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ବରିଷ୍ଠ ନାଗରିକ୍ ସୁରକ୍ଷା ଦିବସ୍ ।

ପ୍ରଧାନ୍‌ମନ୍ତ୍ରୀ- ଓଡ଼ିଶାଗସ୍ତ ହି.ସ.

ରାଜ୍ୟ ସର୍‌କାର୍‌ଙ୍କର୍ ବର୍ଷର୍ ପୂର୍ତି ଅବ୍‌ସରେ ହେବାର୍‌କେ ଥିବା ଖାସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୦ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସୁଛନ୍ । ରାଜ୍ୟର୍ କଲ୍ୟାଣ୍‌କାରୀ ଯୋଜ୍‌ନାମାନ୍‌କର୍‌ନୁ ମୁଲ୍ କରିକରି ଭିତିଭୂମି କୃଷି କ୍ଷେତ୍ର ବାଗିର୍ ଭିନ୍ ଭିନ୍ କ୍ଷେତ୍ରଥି ସର୍‌କାର୍‌ଙ୍କର୍ ଆଭିମୁଖ୍ୟ ବାବ୍‌ଦେ ଯୋଜ୍‌ନା ପ୍ରସ୍ତୁତ୍ ହେଇଛେ । ଇତାକେ ନେଇକରି ଭିଜନ୍ ଡକ୍ୟୁମେଂଟ୍ ତିଆର୍ କରାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ଇ ଅବ୍‌ସରେ ଭିଜନ୍ ଡକ୍ୟୁମେଂଟ୍‌କେ ଉନ୍ମୋଚନ୍ କର୍‌ବେ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ସୂଚ୍‌ନା ଦେଇଛନ୍ ।

ଯାଜ୍‌ପୁର୍- ଝାଡ଼ାବାନ୍ତି I&PR

ଯାଜ୍‌ପୁର୍ ଜିଲ୍ଲା ନ ଦେଖାଦେଇଥିବା ଝାଡ଼ାବାନ୍ତି ପରିସ୍ଥିତିଥି ସୁଧାର୍ ଦେଖାଦେଇଛେ । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଏଜ୍ ଯାଜ୍‌ପୁର୍ ଜିଲ୍ଲା ଯାଇକରି ଝାଡ଼ାବାନ୍ତି ଚାପିଥିବା ଇଲାକା ନ ଥିତିର୍ ସମୀକ୍ଷା କରିଛନ୍ । ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ ବଡ଼ଚଣା, ଧର୍ମଶାଳା, ଯାଜ୍‌ପୁର୍ ରୋଡ୍, ଯାଜ୍‌ପୁର୍

ମୁଖ୍ୟ ଡାକ୍ତର୍‌ଖାନା ନ ଆକ୍ରାନ୍ତମାନ୍‌କର୍ ଚିକିତ୍ସାର୍ ଅନୁଧାନ୍ କରିଛନ୍ ।

(ଭଏସ୍ ଓଭର୍- ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍)

ଝାଡ଼ାବାନ୍ତିର୍ ମୁକାବିଲାକେ ନଜର୍‌ଥି ରଖିକରି ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ୍ କରାଯାଇଛେ । କେନ୍ଦ୍ର ସର୍‌କାର୍ ଇତାର୍ ଭିତ୍‌ରେ ଗୁଟେ ୭ ଝନିଆ ସ୍ୱାସ୍ଥ୍ୟସେବା ଦଲ୍ ଆଉ ୩ ଝନିଆ ଖାଦ୍ୟ ନିରାପତା ଦଲ୍‌କେ ଓଡ଼ିଶା ପଠେଇଛନ୍ । ଆଏଜ୍ ଇ କେନ୍ଦ୍ରୀୟ ଦଲ୍ ଯାଜ୍‌ପୁର୍ ପୁହୁଁଚିକରି ଥିତିର୍ ଅନୁଧାନ୍ କରିଛନ୍ । ସେଆଡ଼େ ଢେଙ୍କାନାଲ୍ ଜିଲ୍ଲା ନ ଝାଡ଼ାବାନ୍ତିଥି କେତେଝନ୍ ଆକ୍ରାନ୍ତ ହେଇଥିବାର୍ ଜନାପଡ଼ିଛେ ।

ଏକ୍‌ଜିଅମ୍-୪ ମିଶନ୍ ଆର୍‌ଏନ୍‌ୟୁ/ କଟକ୍

ଏକ୍‌ଜିଅମ୍ -୪ ମିଶନ୍‌କେ ଆଏବା ୧୯ ତାରିଖ୍ କରାଯିବା ବଲି ନିଷ୍ପତି ନିଆଯାଇଛେ । ଇସ୍ରୋ, ଏକ୍‌ଜିଅମ୍ ସ୍ପେଶ୍ ଆଉ ସ୍ପେଶ୍ ଏକ୍ସ ଭିତ୍‌ରେ ହେଇଥିବା ସମନ୍ୱୟ ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ମିଶନ୍‌ଥି କାର୍ଯ୍ୟକାରୀ ହେବାର୍‌କେ ଥିବା ବୈଷୟିକ ଆହ୍ୱାନ୍ ମାନ୍‌କର୍ ସମାଧାନ୍ କରାଯାଇଛେ ବଲି ସୂଚ୍‌ନା ଦିଆଯାଇଛେ । ଇ ମିଶନ୍‌ଥି ଭାରତୀୟ

ବାୟୁସେନାର୍ ଗ୍ରୁପ୍ କେପ୍ଟେନ୍ ଶୁଭାଂଶୁ ଶୁକ୍ଲା ଅଲ୍ଗା ୩ ଝନ୍କର୍ ସହେତେ ମହାକାଶ୍କେ ଯାତ୍ରା କର୍ବେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ବନ୍ଦ ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ନ ଆଏବା କାଏଲ୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଅଭିଯୋଗ୍ ଶୁଣାଣି ତାରିଖ୍ ଜନସାଧାରଣ୍ଙ୍କୁ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ରଥଯାତ୍ରା ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର୍ ପ୍ରସ୍ତୁତି ବାବ୍ଦେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ସମୀକ୍ଷା କରିଛନ୍ । ଶ୍ରୀ ଆହୁଜା ରଥ ତିଆରି କାମ୍ର ସମୀକ୍ଷା କର୍ବାର୍ ସହେତେ ତିନ୍ହି ରଥର୍ ମୁଖ୍ୟ ବିଶ୍ୱକର୍ମା ମାନ୍କର୍ ସାଙ୍ଗେ ଆଲୋଚନା କରିଥିଲେ । ରଥଯାତ୍ରା ସମିଆଥି ଭକ୍ତମାନ୍କର୍ ଜବର୍ ଭିଡ୍କେ ନଜର୍ଥି ରଖିକରି ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ

ସବୁ ପ୍ରକାର୍ ବ୍ୟବସ୍ଥା ଗ୍ରହଣ୍ କରାଯାଇଛେ ବଲି ମୁଖ୍ୟ ଶାସନ୍ ସଚିବ କହିଛନ୍ ।

ସେଆଡ଼େ ରଥଯାତ୍ରାକେ ଅଏତ୍କା ଶୃଙ୍ଖଲିତ୍ କର୍ବାର୍ ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ଭିଲ୍ ପଦକ୍ଷେପ୍ମାନ୍ ନିଆଯାଇଛେ । ଇ ବଛର୍ ଅଣସେବକ୍ମାନେ ରଥ ଉପର୍କେ ଚଢ଼୍ବାର୍କେ ନେଇକରି କଟ୍କନା ଜାରି କରାଯାଇଛେ । ରଥ ଘିଚ୍ବାର୍ ବେଲ୍କେ ମୋବାଇଲ୍ ଫୋନ୍ ଭିଲ୍ ମନା କରାଯାଇଛେ । ଆଏଜ୍ ହେଇଥିବା ଛତିଶା ନିଯୋଗ୍ର ବୈଠକ୍ଥି ଇ ବାବ୍ଦେ ନିଷ୍ପତି ନିଆଯାଇଥିବାର୍ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ କୁହାଯାଇଛେ ।

ସ୍ନାନଯାତ୍ରାନୁ ମୁଲ୍ ହେଇଥିବା ମାହାପୁରୁମାନ୍କର୍ ରଥଯାତ୍ରା ବାବ୍ଦେ ଆକାଶ୍ବାଣୀ ସମ୍ବାଦ୍ ବିଭାଗ୍ ତର୍ଫୁ ପ୍ରସ୍ତୁତ୍ ଗୁଟେ ରିପୋର୍ଟ ।

(ଭଏସ୍ ଓଭର୍- ଭାରତ୍ ଗୌରବ୍ ଦାସ)

*ସ୍ନାନଯାତ୍ରାଥି ଶହେ ୮ ଗରିଆ ସୁବାଶିତ୍ ଜଲ୍ଥି ସ୍ନାନ କରିକରି ମାହାପୁରୁମାନେ ଜରେ ପଡ଼ିଛନ୍ । ଦଇତାପତି ସେବକ୍ମାନେ ଅଣସର ଘରେ ମହାପ୍ରଭୁ ମାନ୍କର୍ ଗୁପ୍ତ ସେବା ଆଉ ଉପଚାର୍ କରୁଛନ୍ । ଦଇତାପତି ସେବକ୍ମାନ୍କର୍ ତର୍ଫୁ ଅଣସର ପିଣ୍ଡି ନ ଗୁପ୍ତ ଚିକିତ୍ସା ଚାଲିଛେ । ସ୍ନାନ ଯାତ୍ରା ସମିଆଥି ମାହାପୁରୁମାନେ ପିନ୍ଧିଥିବା ଉଦା ବସ୍ତ୍ରକେ ଖୁଲାଯିବାର୍ ଉତ୍ରୁ ଆଏଜ୍*

*ଶ୍ରୀଅଙ୍ଗ ଫିଟା ନୀତି ହେଉଛେ । ଜରେ ପଡ଼ିଥିବା ମାହାପ୍ରୁରୁମାନ୍‌କୁ ୫୬ ପଉଟି ଭୋଗ ବଦ୍‌ଲା ବହୁତ୍ ପ୍ରକାରର୍ ଫଲ୍‌ମୂଲ୍ ସହେତେ ଗୁରସ୍, ଛେନାଥି ତିଆର୍ ପଣା, ଭୁଗ ଲଗାଯାଉଛେ । ଅଣସରଥି ଥିବାର୍ ବେଲେ ମାହାପ୍ରୁରୁମାନେ ଶୁକ୍ଳବସ୍ତ୍ର ପିନ୍ଧିବାର୍ ସହେତେ ଧୋବ୍ ଫୁଲ୍ ଲାଗି ହେଉଛନ୍ । ଆଏବା କାଏଲ୍ ପଂଚ୍‌ମୀ ତିଥି ନ ବଡ଼ ଓଡ଼ିଆ ମଠ ତର୍‌ଫୁ ତିଆର୍ ହେଇଥିବା ଫୁଲୁରି ତେଲ ମାହାପ୍ରଭୁ ମାନ୍‌କର୍ ଠାନେ ଲଗାଯିବାର୍ ଉତ୍‌ରୁ ଜର୍ ପୀଡ଼ାନୁ ସାମାଏନ୍ ସୁସ୍ଥ ହେବେ ବଲି ଆଶା କରାଯାଉଛେ । ଆକାଶ୍‌ବାଣୀ ସମ୍ବଲ୍‌ପୁର୍‌ନୁ ମୁଇଁ ଭାରତ୍ ଗୌରବ୍ ଦାସ ।*

ରଜ ସଂକ୍ରାନ୍ତି          ପୁରୀ/ବୌଦ୍ଧ ସମ୍ବାଦଦାତା

ପବିତ୍ର ରଜ ଉତ୍ସବ୍‌ର ୨ ନମ୍ବର୍ ଦିନେ ଆଏଜ୍ ରଜ ସଂକ୍ରାନ୍ତି ପାଲନ୍ ଅବ୍‌ସରେ ଭିନ୍ ଭିନ୍ ଜାଗା ନ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ । ରଜ ଉତ୍ସବ୍‌ର ୩ ନମ୍ବର୍ ଦିନେ ଆଏବା କାଏଲ୍ ଭୂମିଦହନ୍ କରାହେବା ଆଉ ପର୍‌ଦିନ ବସୁମତୀ ସ୍ନାନ ଉତ୍ସବ୍ ପାଲନ୍ କରାଯାଇକରି ରଜ ପର୍ବ ଶେଷ୍ ହେବା । ଆଏଜ୍ ରଜ ସଂକ୍ରାନ୍ତି ଅବ୍‌ସରେ ପୁରୀ ଜିଲ୍ଲା ବ୍ରହ୍ମଗିରିର ମା ବାଲି ହରଚଣ୍ଡିଙ୍କର୍ ମହାଲକ୍ଷ୍ମୀ ବେଶ

ଅନୁଷ୍ଠିତ୍ ହେଇଛେ । ବୌଦ୍ଧ ଜିଲ୍ଲା ନ ଭିଲ୍ ରଜ ଉତ୍ସବ୍ ଅବ୍‌ସରେ ଆଏଜ୍ ରଜ ସଂକ୍ରାନ୍ତି ପାଲନ୍ କରାଯାଇଛେ । ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଲୁକେ ପିଠାପନା କରିକରି ଦୁଲି ଖେଲ୍‌ର ମଜା ନେଇଛନ୍ ।

ଯୋଗ ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ସୁସ୍ଥ ଜୀବନ୍ ଲାଗି ଯୋଗର ଆବଶ୍ୟକତା ବାବ୍‌ଦେ ଛାତ୍ରଛାତ୍ରୀମାନ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟ ନେଇକରି ରାଜ୍ୟର୍ ସବୁ ବିଦ୍ୟାଳୟମାନ୍‌କେ ଅନ୍ତର୍ଜାତୀୟ ଯୋଗ ଦିବସ୍ ପାଲନ୍ କରାଯିବା ବଲି ନିଷ୍ପତି ନିଆଯାଇଛେ । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ୍ ଓସେପା ତର୍‌ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀ ଆଉ ଗୋଷ୍ଠୀ ଅଧିକାରୀମାନ୍‌କୁ ଇ ବାବ୍‌ଦେ ଜନେଇ ଦିଆଯାଇଛେ । ଆଏବା ୨୧ ତାରିଖ୍ ୧୧ ନମ୍ବର୍ ଅନ୍ତର୍ଜାତୀୟ ଯୋଗ ଦିବସ୍ ପାଲନ୍ ଅବ୍‌ସରେ ବିଦ୍ୟାଳୟମାନ୍‌କେ ସଖାଲର୍ ୬ ବଜେନୁ ୭ - ୪୫ ତକ୍ ଖାସ୍ ଯୋଗ୍ ଅଧିବେଶନ୍ କରାଯିବା ।

ବିକାଶ୍ ମେଳା ସୁବର୍ଣ୍ଣପୁର୍/ ବଲାଙ୍ଗିର୍/ ବୌଦ୍ଧ

ରାଜ୍ୟ ସର୍କାର୍ଙ୍କର୍ ଗୁଟେ ବଛର୍ ପୂର୍ତି ଅବ୍ସରେ 'ବର୍ଷ ଏକ୍ ଉପଲବ୍ଧି ଅନେକ୍' ଶୀର୍ଷକ୍ ଜିଲ୍ଲାସ୍ତରୀୟ ବିକାଶ୍ ମେଳା-୨୦୨୫ ସୁବର୍ଣ୍ଣପୁର୍ ଜିଲ୍ଲାର୍ ରୟଲ୍ ପଡ଼ିଆ ଠାନେ ହେଇଯାଇଛେ । ସର୍କାର୍ଙ୍କର୍ ଜନକଲ୍ୟାଣ୍କାରୀ ଯୋଜ୍ନାମାନ୍କର୍ ସଫଲତା ବାବ୍ଦେ ଲୁକ୍କୁ ଜନାବାର୍ ଇ ମେଳାର୍ ମୁଖିଆ ଉଦ୍ଦେଶ୍ୟ ଆଏ । ଗଲା ୧୨ ତାରିଖ୍ନୁ ମୁଲ୍ ହେଇଥିବା ବିକାଶ୍ ମେଳା ଆଏବା ବୁଧବାର୍ ତକ୍ ଚାଲ୍ବା ।

ବଲାଙ୍ଗିର୍ ଜିଲ୍ଲା ଲୁଇସିଂହାର ତାଲଜୁରିଠାନେ ଗ୍ରାମ୍ୟ ବିକାଶ୍ ମେଳା ହେଇଯାଇଛେ । ରାଜ୍ୟ ସର୍କାର୍ଙ୍କର୍ ବଛର୍ପୂର୍ତି ଅବ୍ସରେ ହେଇଥିବା ମେଳାଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟ ସର୍କାର୍ଙ୍କର୍ ସଫଲତା ବାବ୍ଦେ ସାଧାରଣ୍ ଲୁକ୍କୁ ଜନେଇଥିଲେ । ସୁଭଦ୍ରା ସାହାଜ୍, ଚାଷୀମାନ୍କୁ ଇନ୍ପୁଟ୍ ସବ୍ସିଡି, ଆୟୁଷ୍ମାନ୍ ଭାରତ୍, ପ୍ରଧାନ୍ମନ୍ତ୍ରୀ ଆବାସ ଯୋଜ୍ନା, ବାର୍ଦ୍ଧକ୍ୟ ଭତା ବାଗିର୍ ଭିନ୍ ଭିନ୍ ଯୋଜ୍ନାର୍ ସଫଲ୍ ରୂପାୟନ୍ ବାବ୍ଦେ କହିଥିଲେ ।

ବୌଦ୍ଧ କଚ୍ରୀ ପଡ଼ିଆଠାନେ ଚାଲିଥିବା ଜିଲ୍ଲାସ୍ତରୀୟ ବିକାଶ୍ ମେଳାଥି ପ୍ରାଣୀସମ୍ପଦ୍ ବିଭାଗ୍, ଜଙ୍ଗଲ୍ ବିଭାଗ୍ ଆଉ ମତ୍ସ୍ୟ ବିଭାଗ୍ ତର୍ଫୁ ହିତାଧିକାରୀ ସମ୍ମିଳନୀ ହେଇଯାଇଛେ । ବିକାଶ୍ ମେଳା ଆଉ ପାରମ୍ପାରିକ୍ ଖାଦ୍ୟ ମେଳାଥି ବିଭାଗ୍ ମାନ୍କର୍ ଭିନ୍ ଭିନ୍ ଯୋଜ୍ନା ବାବ୍ଦେ ସଚେତନ୍ କରାଯାଇଛେ ।

ବରିଷ୍ଠ ନାଗରିକ୍ ସୁରକ୍ଷା ଦିବସ୍-କ ଆର୍‌ଏନ୍‌ୟୁ/ ସମ୍ବଲପୁର

ବରିଷ୍ଠ ନାଗରିକ୍‌ମାନ୍‌କର୍ ବିରୋଧ୍‌ଥି ହେଉଥିବା ନିର୍ଯ୍ୟାତନା ଆଉ ଅବହେଲାକେ ବନ୍ଦ୍ କର୍‌ବାର୍ ଲକ୍ଷ୍ୟ ନେଇକରି ଆଏଜ୍ ବିଶ୍ୱ ବରିଷ୍ଠ ନାଗରିକ୍ ନିର୍ଯ୍ୟାତନା ନିରୋଧ୍ ସଚେତନତା ଦିବସ୍ ପାଲନ୍ କରାଯାଉଛେ । ସମାଜ୍‌ଥି ଧିରେ ଧିରେ ବରିଷ୍ଠ ବ୍ୟକ୍ତିମାନେ ଏକ୍‌ଲା ଉପେକ୍ଷିତ ଆଉ ନିର୍ଯ୍ୟାତିତ ହେଉଥିବାର୍ ବେଲେ ଲୋକ୍‌ମାନ୍‌କୁ ଇ ବାବ୍‌ଦେ ସଚେତନ୍ କରାବାର୍ ଆଉ ସେମାନ୍‌କର୍ ସର୍ବାଙ୍ଗିନ ଉନ୍ନତି ଲାଗି ୨୦୧୧ ମସିହା ଜୁନ୍ ମାସର୍ ୧୫ ତାରିଖ୍‌ନୁ ଇ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ 'ତଥ୍ୟ ଆଉ କାମ୍ ଜରିଏ ଲମ୍ବା ସମିଆତକ୍ ଯତନ୍‌ର ସହେତେ ବରିଷ୍ଠ ନାଗରିକ୍‌ମାନ୍‌କର୍ ନିର୍ଯ୍ୟାତନାର ସମାଧାନ୍' । ବରିଷ୍ଠ ନାଗରିକ୍‌ମାନ୍‌କୁ ଭିନ୍ ଭିନ୍ ଦିଗେ ଦିଆଯାଉଥିବା ନିର୍ଯ୍ୟାତନାକେ ବନ୍ଦ୍ କରିକରି ସେମାନ୍‌କର୍ ପରିବାର୍ ସାଙ୍ଗେ ଆଉ ସାମାଜିକ୍ ମୂଲ୍ୟବୋଧ୍‌ଥି ବଁଚ୍‌ବାର୍ ଲାଗି ସର୍‌କାରୀ ଆଉ ବେସର୍‌କାରୀସ୍ତର୍‌ଥି ଚେରେଷ୍ଟା କରାଯାଉଛେ । ଆକାଶ୍‌ବାଣୀ ସମ୍ବାଦ ବିଭାଗ୍ ତର୍‌ଫୁ ଇ ବାବ୍‌ଦେ ଗୁଟେ ରିପୋର୍ଟ....

(ଭଏସ୍ ଓଭର୍-ତେଜଶ୍ରୀ ମିଶ୍ର)

*ଗୁଟେ ଆକଲନ୍ ଅନ୍‌ସାରେ ୨୦୨୪ ମସିହାଥି ପୁରଥି ନ ପାଖାପାଖି ଶହେ ୪୪ କୋଟି ବରିଷ୍ଠ ନାଗରିକ୍ ଥିଲେ । ସେମାନ୍‌କର୍ ଭିତ୍‌ରୁ ପାଖାପାଖି ୧୫ କୋଟି ଭାରତ୍ ନ ଥିବାର୍ ଜନାପଡ଼ିଛେ । ୨୦୩୦ ମସିହାତକ୍ ଭାରତ୍ ନ ବରିଷ୍ଠ ନାଗରିକ୍‌ମାନ୍‌କର୍ ସଂଖ୍ୟା ବଢ଼ିକରି ୧୯ କୋଟି ପୁହୁଁଚିବା ବଲି ଅନୁମାନ୍ କରାଯାଇଛେ । ଯେନ୍‌ଟାକି ମୋଟ୍ ଜନସଂଖ୍ୟାର୍ ୧୨ ନୁ ୧୩ ପ୍ରତିଶତ୍ ହେବା । ଦେଶେ ଫିଁ' ୩ ଝନ୍ ବୟସ୍କଙ୍କର୍ ଭିତ୍‌ରୁ ଝନ୍‌କର୍ ଆର୍ଥିକ୍ ଅଭାବ୍ ରହିଛେ । ୬୫ ପ୍ରତିଶତ୍ ବୟସ୍କ ଆର୍ଥିକ୍ ଦୃଷ୍ଟିନୁ ସୁରକ୍ଷିତ୍ ନାଇଁଥିବାର୍ ଜନାପଡ଼ିଛେ । ବଡ଼ଭାଗୀ ବୟସ୍କ ଲୋକ୍ ସମ୍ମାନ୍‌ଥି ଜୀବନ୍ ବଁଚ୍‌ବାର୍ ଲାଗି ଅଲ୍‌ଗା ମାନ୍‌କର୍ ଉପ୍‌ରେ ନିର୍ଭର୍ କର୍‌ସନ୍ । ଭିନ୍ ଭିନ୍ ସମିଆଥି ସେମାନ୍‌କୁ ନିର୍ଯ୍ୟାତନାର୍ ଶିକାର୍ ଭିଲ୍ ହେବାର୍‌କେ ପଡ଼୍‌ସି । ହେଲ୍ପଏଜ୍ ଇଣ୍ଡିଆ ନାଁଥି ଗୁଟେ ବେସର୍‌କାରୀ ସଂଗଠନ୍‌ର ରିପୋର୍ଟ ଅନ୍‌ସାରେ ୩୨ ପ୍ରତିଶତ୍ ବୟସ୍କଙ୍କର୍ କମାନି ୫୦ ହଜାର୍ ଟଙ୍କାନୁ କମ୍ ଥିବାର୍ ବେଲେ ୩୧ ପ୍ରତିଶତ୍ ବୟସ୍କ ବ୍ୟକ୍ତି ସ୍ୱାସ୍ଥ୍ୟବୀମା ବାବ୍‌ଦେ ସଚେତନ୍ ଅଛନ୍ । ସେନ୍ତା ୫୪ ପ୍ରତିଶତ୍ ବୟସ୍କ ୨ ନୁ ଅଏତ୍‌କା ରୋଗ୍‌ଥି ପଡ଼ିଥିବାର୍ ଜନାପଡ଼ିଛେ । ସେଆଡ଼େ ୭ ପ୍ରତିଶତ୍ ବୟସ୍କ ଲୋକ୍ ନିର୍ଯ୍ୟାତନାର୍ ଶିକାର୍ ହେଉଥିବାର୍ ବେଲେ ୫ ପ୍ରତିଶତ୍ ଇ ବାବ୍‌ଦେ ସର୍ବସାଧାରଣ୍‌ଥି ପ୍ରକାଶ୍ ନାଇଁ କରନ୍ । ଖାସ୍ କରି କମ୍ କମାନୀ ଥିବାର୍ ଆଉ*

*ପାଠ୍ ନାଇଁ ପଢ଼ିଥିବା ବୟସ୍କ ମାନେ ଅଏତ୍କା ନିର୍ଯ୍ୟାତନାର୍ ଶିକାର୍ ହେଉଥିବାର୍ ଜନାପଡ଼ିଛେ । ତେଜଶ୍ରୀ ମିଶ୍ର- ଆକାଶ୍‌ବାଣୀ ସମ୍ବାଦ ବିଭାଗ୍ ।*

ଭାରତ୍ ସର୍‌କାର୍ ୨୦୦୭ ମସିହାଥି ଅଭିଭାବକ୍ ଆଉ ବରିଷ୍ଠ ନାଗରିକ୍‌ଙ୍କର୍ ରକ୍ଷଣାବେକ୍ଷଣ ଆଉ କଲ୍ୟାଣ୍ ନାଁଥି ଗୁଟେ ଆଇନ୍ ଲାଗୁ କରିଛନ୍ । ରାଜ୍ୟ ସର୍‌କାର୍ ୨୦୦୯ ଆଉ ୨୦୧୬ ମସିହାଥି ବରିଷ୍ଠ ନାଗରିକ୍‌ମାନ୍‌କର୍ ଉପ୍‌ରେ ଖାସ୍ ଧ୍ୟାନ୍ ଦେବାର୍ ଲାଗି 'ଅବଦାନ୍' ନାଁଥି ଗୁଟେ ଯୋଜ୍‌ନା ଲାଗୁ କରିଛନ୍ । ବରିଷ୍ଠ ନାଗରିକ୍‌ମାନ୍‌କୁ ସମ୍ମାନ୍ ଆଉ ସୁରକ୍ଷା ଦେବାର୍ ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ସର୍‌କାରୀ ଆଉ ବେସର୍‌କାରୀସ୍ତର୍‌ଥି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଇଛେ ।

ବିଶ୍ୱ ବୟସ୍କ ନାଗରିକ୍ ନିର୍ଯ୍ୟାତନା ନିରୋଧ୍ ସଚେତନତା ଦିବସ

ବୌଦ୍ଧ

ବୌଦ୍ଧ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ୍ ତର୍‌ଫୁ ଚାର୍‌ଛକ୍ ନ ଥିବା ବନଦୁର୍ଗା ବୃଦ୍ଧାଶ୍ରମ୍ ନ ବିଶ୍ୱ ବୟସ୍କ ନାଗରିକ୍ ନିର୍ଯ୍ୟାତନା ନିରୋଧ୍ ସଚେତନତା ଦିବସ୍ ପାଲନ୍ କରାଯାଇଛେ । ଇ ଅବ୍‌ସରେ ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବରିଷ୍ଠ

ନାଗରିକ୍‌ମାନ୍‌କର୍ ସୁରକ୍ଷା ସେମାନ୍‌କର୍ ଲାଗି ଥିବା ଭିନ୍ ଭିନ୍ ଆଇନ୍ ଯୋଜ୍‌ନା ବାବ୍‌ଦେ ସଚେତନ୍ କରାଯାଇଥିଲା ।